# Akashvani, Sambalpur

## SAMBALPURI NEWS EVENING BULLETIN

**19 December 2024- 7.02 pm- 7.12 pm.**

*********************************************

୧- କେନ୍ଦୁଝରଠାନେ ଭିଜନ୍ ୨୦୩୬ ଲାଗି ମତାମତ୍ ଦେବାର୍‌କେ ଜନସାଧାରଣଙ୍କୁ ଆହ୍ବାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ଆଏବା ୩୦ ତାରିଖ୍ ସମ୍ବଲ୍‌ପୁର୍ ଗସ୍ତଥି ଆସୁଛନ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ।

୩- ଏନ୍‌ଜିପି ବୈଠକ୍‌ଥି ୨ ଟା ରେଲ୍‌ଓ୍ବେ ଆର୍ ୩ ଟା ରାଜପଥ ପ୍ରକଳ୍ପର୍ ବିକାଶ୍ ଲାଗି ନିଆଗଲା ନିଷ୍ପତି ।

- ଠାନ୍ ପାଇଛେ ଡଙ୍ଗରିପୋଷି- ଜରୋଲି ପ୍ରକଳ୍ପ କାମ୍ ।

ଆଉର୍

୪- ଦିନ୍‌କର୍ ବିରତି ଉତ୍‌ରୁ ଆଏଜ୍ ଫେର୍ ମୁଲ୍ ହେଲା ରତ୍ନଭଣ୍ଡାର୍ ମରାମତି କାମ୍ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ          ଆର୍ଏନ୍ୟୁ/ କଟକ୍

ଶିକ୍ଷା- ଅଜ୍ଞାନ୍ର ଅନ୍ଧକାର୍କେ ଦୂର୍ କରିକରି ଗୁଟେ ସୁସ୍ଥ ସମାଜ୍ ଗଠନ୍ କର୍ବାର୍କେ ସହାୟକ ହେସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଜିଲ୍ଲା ଚମ୍ପୁଆ ଠାନେ ସର୍କାରୀ ମହତାବ୍ ହାଇସ୍କୁଲ୍ ହୀରକ୍ ଜୟନ୍ତୀ ଉତ୍ସବ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଶିକ୍ଷା ବ୍ୟବସ୍ଥାକେ ବର୍କସ୍ କର୍ବାର୍ ଲାଗି ସର୍କାର୍ ସଂକଳ୍ପବଦ୍ଧ । ଇ ଉଧେ ମୁଖ୍ୟମନ୍ତ୍ରୀ ରାଜ୍ୟକେ ସମୃଦ୍ଧ କର୍ବାର୍ ଲାଗି ଭିଜନ୍ ୨୦୩୬ ଲାଗି ନିଜର୍ ମତାମତ୍ ଦେବାର୍କେ ଜନସାଧାରଣଙ୍କୁ ଆହ୍ୱାନ୍ କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟର୍ ଅଗ୍ରଗତି ଦିଗେ ଇଟା ଗୁଟେ ବୈପ୍ଳବିକ୍ ପରିବର୍ତ୍ତନ୍ ଆନ୍ବା । ବିକଶିତ୍ ଓଡ଼ିଶା ଲାଗି ପହେଲା ବିକଶିତ୍ କେନ୍ଦୁଝର୍ର ନିର୍ମାଣ୍ ହେବା । ଜିଲ୍ଲାର୍ ସାମଗ୍ରିକ ବିକାଶ୍ ସଙ୍ଗେ ରାଜ୍ୟର୍ ଶିଳ୍ପ ପ୍ରତିଷ୍ଠା , ନିଯୁକ୍ତି ସୁଯୋଗ୍ ସୃଷ୍ଟି ଆଦିକେ ଗୁରୁତ୍ୱ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ          ହି.ସ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଠାନୁ ୫ ଦିନିଆ ଗସ୍ତଥି ଦିଲ୍ଲୀ ଆର୍ ରାଜସ୍ଥାନ୍ ଯାଉଛନ୍ । ସୂଚ୍ନା

ଅନ୍‌ସାରେ ମୁଖ୍ୟମନ୍ତ୍ରୀ ଆଏଜ୍‌ଠାନୁ ୨୧ ତାରିଖ୍‌ତକ୍ ରାଜସ୍ଥାନ୍‌ଥି ରହେବେ । ୨୧ ତାରିଖ୍ ଦିନ ରାଜସ୍ଥାନ୍‌ନୁ ବାହାରିକରି ସେ ୩ ଦିନିଆ ଦିଲ୍ଲୀ ଗସ୍ତଥି ଯିବେ । ରାଜସ୍ଥାନ୍‌ର ଜୟସାଲ୍‌ମେର୍ ଠାନେ ୫୫ ନମ୍ବର ଜିଏସ୍‌ଟି ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରାକ୍ ବଜେଟ୍ ଆଲୋଚନାଥି ଭାଗ୍ ନେବେ ବଲି ଭିଲ୍ ଜନାପଡ଼ିଛେ । ମୁଖ୍ୟମନ୍ତ୍ରୀ ୨୩ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ସ୍ୱରାଷ୍ଟ୍ରମନ୍ତ୍ରୀ-ସମ୍ବଲପୁର ଆର୍‌ଏନ୍‌ୟୁ/ କଟକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୩୦ ତାରିଖ୍ ସମ୍ବଲ୍‌ପୁର୍ ଗସ୍ତଥି ଆଏବେ ବଲି ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଏଜ୍ ସୂଚ୍‌ନା ଦେଇଛନ୍ । ଶ୍ରୀ ମିଶ୍ର କହିଛନ୍ ଯେ, ସ୍ୱରାଷ୍ଟ୍ରମନ୍ତ୍ରୀ ପହେଲା ସମ୍ବଲ୍‌ପୁର୍ ଆସିକରି ମା' ସମଲେଇଙ୍କର୍ ଦର୍ଶନ୍ କର୍‌ବେ । ତାର୍‌ପରେ ବୁର୍ଲା ଭୀମ୍‌ସାର୍ ନ ଗୁଟେ ସ୍ୱତନ୍ତ୍ର କୋଠା ଉଦ୍‌ଘାଟନ୍ କର୍‌ବେ । ସେନୁ କୁଦ୍‌ପାଲିକେ ଯାଇକରି ସ୍ୱାଧୀନତା ସଂଗ୍ରାମୀ ଆର୍ ସୁରେନ୍ଦ୍ର ସାଏଙ୍କର୍ ଭାଇ ଶହୀଦ ଛବିଳ ସାଏଙ୍କର୍ ବଳିଦାନ୍ ଦିବସ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବେ । ଛବିଳ ସାଏଙ୍କର୍ ଜୀବନୀ

ଉପରେ ଲିଖିତ ଗୁଟେ ବହି ଭିଲ୍ ଉନ୍ମୋଚନ୍ କର୍‌ବେ ବଲି ବିଧାୟକ୍ ଶ୍ରୀ ମିଶ୍ର ଆର୍ ରେଙ୍ଗାଲିର୍ ଆଘର୍ ବିଧାୟକ୍ ନାଉରୀ ନାଏକ୍ ସୂଚ୍‌ନା ଦେଇଛନ୍ । ଇତାର୍‌ସହେତେ ଆଉ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଭିଲ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଯୋଗ୍ ଦେବେ, ଯେନ୍‌ଥିର୍ ତାଲିକା ଇହାଦେ ବନା ଚାଲିଛେ ବଲି ଶ୍ରୀ ମିଶ୍ର କହିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍, କମିଶନର୍ ଆର୍ ଏସ୍.ପି. କୁଦ୍‌ପାଲି ଯାଇକରି ସୁରକ୍ଷା ଥିତି ସମୀକ୍ଷା କରିଛନ୍ ।

ଏନ୍‌ପିଜି - ବୈଠକ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି ଯୋଜ୍‌ନା ଅଧୀନ୍- ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ୍- ଏନ୍‌ପିଜି ର ୮୫ ନମ୍ବର୍ ବୈଠକ୍ ଆଏଜ୍ ହେଇଯାଇଛେ । ଇ ବୈଠକ୍‌ଥି ୨ ଟା ରେଲ୍‌ୱେ ଆର୍ ୩ ଟା ରାଜପଥ ବିକାଶ୍ ପ୍ରକଳ୍ପର ମୂଲ୍ୟାଙ୍କନ କରାଯାଇଛେ । ଏନ୍‌ପିଜି ବୈଠକ୍‌ଥି ଓଡ଼ିଶା ଆର୍ ଝାଡ଼ଖଣ୍ଡ୍‌କେ ଜୁଡୁଥିବା ଡଙ୍ଗରିପୋଷି-ଜରୋଲି ପ୍ରକଳ୍ପ କାମ୍ ଠାନ୍ ପାଇଛେ । ୮୫ ଦଶ୍‌ମିକ୍ ୮/୮ କିଲୋମିଟର୍ ର ୩ ଆର୍ ୪ ନମ୍ବର୍ ଲାଇନ୍ ରାସ୍ତା ସାଙ୍ଗେ ସମାନ୍ତର୍ ଭାବେ ରାସ୍ତା ନିର୍ମାଣ୍ ହେବା । ଇ ରାସ୍ତା କେନ୍ଦୁଝର୍ ଇଲାକାନୁ ରାଜ୍ୟର୍ ଭିନ୍ ଭିନ୍ ଶିଳ୍ପାଂଚଲ୍ ଆର୍

ପରାଦ୍ୱୀପ୍ ବନ୍ଦର୍ ଇଲାକାକେ ଲୁହାପଥର୍ ପରିବହନ୍ ଲାଗି ଗୁଟେ ବଡ଼୍ ଭୂମିକା ନେବା ।

ଯକ୍ଷ୍ମା ଆର୍ଏନ୍ୟୁ/ କଟକ୍

ଶହେ ଦିନ୍ତକ୍ ହେବାର୍କେ ଥିବା ସଘନ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ ଗଲା ୭ ତାରିଖ୍ନୁ ମୁଲ୍ ହେଇଛେ । ରାଜ୍ୟର୍ ବଲାଙ୍ଗିର୍, ବର୍ଗଡ଼୍, ବୌଦ୍ଧ, ଦେବ୍ଗଡ଼୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ସୁନ୍ଦର୍ଗଡ଼୍ ସହେତେ ରାଜ୍ୟର୍ ୧୯ ଟା ଯକ୍ଷ୍ମା ପ୍ରବଣ୍ ଜିଲ୍ଲା ନ ଇ କାର୍ଯ୍ୟକ୍ରମ୍ ଗଲାକାଏଲ୍ନୁ ମୁଲ୍ ହେଇଛେ । ୬୦ ବଛର୍ନୁ ଅଏତ୍କା ବୟସର୍ ଲୋକ୍, ମଧୁମେହ ପିଡ଼ିତ, ଅପପୁଷ୍ଟିର୍ ଶିକାର୍ କି ଏଚ୍ଆଇଭି ଆକ୍ରାନ୍ତ ବ୍ୟକ୍ତି, ଧୂମପାନ ଆଉ ମଦ୍ୟପାନ କରୁଥିବାର୍ ବ୍ୟକ୍ତିଙ୍କର୍ ସହେତେ ୫ ବଛର୍ ଭିତ୍ରେ ଯକ୍ଷ୍ମାଥି ସଂକ୍ରମିତ୍ ହେଇଥିବା ଲୁକ୍କୁ ଚିକିତ୍ସା କରାଯାଇକରି ଯକ୍ଷ୍ମା ନିରାକରଣ୍ କାମ୍ଥି ସାମିଲ୍ କରାଯାଇଛେ ।

ଯକ୍ଷ୍ମା ରୋଗ ବରଗଡ଼ ସମ୍ବାଦଦାତା

ଦେଶେଁ ୨୦୨୫ ମସିହା ତକ୍ ଯକ୍ଷ୍ମା ରୋଗ୍ର ଅନ୍ତ୍ କର୍ବାର ଲାଗି ସରକାରଙ୍କର ତରଫୁ ଭିନ୍ ଭିନ୍ ଯୋଜନା କାର୍ଯ୍ୟକାରୀ ହଉଛେ । ଇଟାକେ ସଫଲ୍ କର୍ବାର ଲାଗି ଶହେ ଦିନିଆ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ବରଗଡ଼ ଜିଲ୍ଲାର ୧୨ଟା ବ୍ଲକ୍ନେ ମୁଳ୍ ହେଇଛେ । ତୃଣମୂଲ୍ ସ୍ତରେ ସ୍ୱାସ୍ଥ୍ୟକର୍ମୀ ଆର୍ ଆଶା କର୍ମୀଙ୍କ ଜରିଏ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ୍ କରାଯାଉଛେ । ୨୦୨୩ ମସିହା ତକ୍ ଜିଲ୍ଲାନ ୧୭ ଶହ ୯୮ ଝନ୍ ଯକ୍ଷ୍ମା ରୋଗୀ ଚିହ୍ନଟ୍ ହେଇଥିବା ସ୍ୱାସ୍ଥ୍ୟ ବିଭାଗ୍ ତରଫୁ ସୂଚନା ମିଲିଛେ । ଇ ବଛର୍ ଜିଲ୍ଲାନେ ୯୦ ଝନ୍ ଯକ୍ଷ୍ମା ରୋଗୀଙ୍କଁର ଜୀବନ୍ ଯାଇଥିବାବେଲେ ୯୧ ଦଶମିକ ୯୫ ପ୍ରତିଶତ ରୋଗୀ ପୁରା ଠିକ୍ ହେଇଛନ୍ । ଇ ଉପ୍ରେ ଜାତୀୟ ଯକ୍ଷ୍ମା ମୁକ୍ତ ଅଭିଯାନ୍ର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ୍ ଶୋଭନ୍ କୁମାର୍ କର୍ ଆକାଶବାଣୀକେ କହିଛନ୍ .....

V/O.....

ରତ୍ନଭଣ୍ଡାର ମରାମତି            ପୁରୀ ସମ୍ବାଦଦାତା

ଗୁଟେଦିନର୍ ବିରତି ଉତ୍ରୁ ଆଏଜ୍ ଫେର୍ଘାଏ ପୁରୀ ରତ୍ନଭଣ୍ଡାର ମରାମତି କାମ୍ ମୁଳ୍ ହେଇଛେ । ଗଲା ମଙ୍ଗଲ୍ବାର୍ ଦିନ ଭିତର୍ ରତ୍ନଭଣ୍ଡାର୍ ମରାମତି କାମ୍ ମୁଳ୍ ହେଇଥିବାର୍ ବେଲେ ଲୁହାର୍ ଭାଡ଼ା ବନ୍ଧା ହେଇଥିଲା । ଏଏସ୍ଆଇର୍

୧୫ ନୁ ୨୦ ଝନ୍ କୁଶଳୀ ଶ୍ରମିକଙ୍କର୍ ଦ୍ୱାରା ଇ କାମ୍ ମୁଲ୍ କରାଯାଇଥିଲା । ଛତିଶା ନିଯୋଗ ବୈଠକ୍‌ଥି ପ୍ରସ୍ତୁତ୍ ନୀତି ନିର୍ଘଂଟ ଆର୍ ରାଜ୍ୟ ସର୍‌କାର୍‌ଙ୍କର ମାର୍ଗଦର୍ଶିକା ଅନ୍‌ସାରେ ଦୁଇ ନମ୍ବର ଭୋଗ୍ ମଣ୍ଡପ୍ ଉତ୍‌ରୁ ମରାମତି କାମ୍ କରାଯାଉଛେ । ଗଲାକାଏଲ୍ ମହାପୁରୁଙ୍କର ମହାସ୍ନାନ ନୀତିର୍ ଲାଗି ଆଏଜ୍ କମ୍ ସମିଆ ଲାଗି ମରାମତି କାମ୍ ହେଇଥିଲା ।

ଜଗା ଦର୍ଶନ ପୁରୀ ସମ୍ବାଦଦାତା

ନୂଆ ବଛର୍‌ନୁ ପୁରୀ ଶ୍ରୀମନ୍ଦିରନେ ନୂଆ ଦର୍ଶନ୍ ବ୍ୟବସ୍ଥା ମୁଲ୍ ହେବାର୍‌କେ ଯାଉଛେ ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ୍ ଅରବିନ୍ଦ ପାଢ଼ୀ ଆଏଜ୍ ସୂଚ୍‌ନା ଦେଇଛନ୍ । ନାଟ ମଣ୍ଡପ୍‌ଠାନେ ଖାସ୍ ବେରିକେଡ୍ କରିକରି ଧାଡ଼ି ଦର୍ଶନ୍‌ର ବ୍ୟବସ୍ଥା କରାଯିବା । ଇତାର୍ ଭିତ୍‌ରେ ସବୁ ବର୍ଗର୍ ଲୋକ୍‌ମାନେ ଭିନ୍‌ଭିନ୍ ଲାଇନ୍ ଦେଇକରି ମନ୍ଦିର ଭିତ୍‌ରେ ଦର୍ଶନ୍ କରିପାର୍‌ବେ । ସେଆଡ଼େ ଦିବ୍ୟାଙ୍ଗ ଭକ୍ତମାନ୍‌ଙ୍କର ଲାଗି ଖାସ୍ ଦର୍ଶନ୍ ବ୍ୟବସ୍ଥା ବାବ୍‌ଦେ ଖୁବ୍ ଜଲ୍‌ଦି ସେବାୟତ୍‌ମାନ୍‌କର ସାଙ୍ଗେ ଆଲୋଚନା କରାଯିବା । ମନ୍ଦିର ଭିତ୍‌ରେ ବିଶୃଙ୍ଖଲା ଦେଖାଦେଲେ କଡ଼ା

କାର୍ଯ୍ୟାନୁଷ୍ଠାନ ନିଆଯିବା । ହେନ୍ତା ରତ୍ନଭଣ୍ଡାର କାମ୍‌କେ ନଜର୍‌ଥି ରଖିକରି ସର୍ବ ସାଧାରଣ ଦର୍ଶନ ଲାଗି ଜରୁରୀ ପଦକ୍ଷେପ ନିଆଯାଉଛେ ବଲି ମୁଖ୍ୟ ପ୍ରଶାସକ୍ କହିଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଶିମିଳିପାଳ ଭୁବନେଶ୍ୱର ସମ୍ବାଦଦାତା

ଶିମିଳିପାଲ ବ୍ୟାଘ୍ର ଅଭୟାରଣ୍ୟର୍ ସୁରକ୍ଷା ଲାଗି ରାଜ୍ୟ ସରକାର୍ ଗୁଟେ ବଡ଼ ପଦକ୍ଷେପ ନେବାର୍କେ ଯାଉଛନ୍ । ନିଷ୍ପତି ଅନ୍ସାରେ ଗୁଟେ କମ୍ପାନି, ଖାସ୍ ସଶସ୍ତ୍ର ପୁଲିସ୍ ବାହିନୀ ଶିମିଳିପାଲ ଅଭୟାରଣ୍ୟକେ ଯୁଗ୍‌ବେ । ଯୋଜ୍‌ନା ଅନ୍ସାରେ ଶହେ ୩୧ ଝନିଆ ସ୍ୱତନ୍ତ୍ର ଆର୍ମଡ଼୍ ପୁଲିସ ରିଜର୍ଭ କମ୍ପାନୀ ଗଠନ କରାଯିବା ବଲି ଗୃହସଚିବ ସତ୍ୟବ୍ରତ ସାହୁ ଏକାଉଂଟ୍ ଜେନେରାଲ୍‌ଙ୍କୁ ଜନେଇଛନ୍ । ମୟୁର୍‌ଭଞ୍ଜ୍ ଏସ୍.ପି. ଇତାର୍ ପ୍ରଶାସନିକ ଦାୟିତ୍ୱଥି ରହେବେ ଆର୍ ଇ କମ୍ପାନୀର୍ ସବୁ ଖର୍ଚ୍ଚା ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ବହନ୍ କର୍‌ବା ବଲି ସର୍‌କାରୀ ଭାବେ କୁହାଯାଇଛେ ।

ଓଡ଼ିଆ ଜବାନ୍ ମୃତ ଆର୍‌ଏନ୍‌ୟୁ/ କଟକ୍

କୋରାପୁଟ୍ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ବଡ଼ାଗୁଡ଼ା ଗାଁର୍ କାର୍ଯ୍ୟରତ ଯବାନ୍ ଇଶ୍ୱର ତାଲିଆଙ୍କର୍ ରାଜସ୍ଥାନ୍ ନ ଟେଙ୍କ୍ ଫାୟାରିଂ ଅଭ୍ୟାସ୍ ବେଲେ ଜୀବନ୍ ଯାଇଛେ । ୨୦୧୧

ମସିହାଥି ଇଶ୍ୱର୍ ତାଲିଆ ସେନାବାହିନୀଥି ଯୋଗ୍ ଦେଇକରି ଜମ୍ମୁର୍ ୪୬ ଆର୍ମି ଆର୍ମଡ୍ ରେଜିମେଂଟ୍ଥି କାର୍ଯ୍ୟରତ ଥିଲେ । ଗଲାକାଏଲ୍ ରାଜସ୍ଥାନ୍ ନ ଅଭ୍ୟାସ୍ ବେଲେ ତାଙ୍କର୍ ମୃତ୍ୟୁ ହେଇଛେ । ଆଏବା କାଏଲ୍ ତାଙ୍କର୍ ମରଶରୀର ଜନ୍ମ ମାଟି ନ ପୁହୁଁଚିବାର୍ ସୂଚ୍ନା ମିଲିଚେ ।

ଆଇଆଇଏମ୍ ସମ୍ବଲପୁର       ସମ୍ବଲପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲପୁର ତାର୍ ନାଁଲେଖା ବ୍ୟବସ୍ଥାଥି ଗୁଟେ ବଡ଼ ପରିବର୍ତନ୍ ଘୋଷ୍ନା କରିଛେ । ନୂଆବଛର୍ ୨୦୨୫-୨୬ ଥି ଅନୁଷ୍ଠାନ୍ ଏମ୍ବିଏ ପାଠ୍ୟକ୍ରମ୍ ଲାଗି ନାଁଲେଖା ପ୍ରକ୍ରିୟା ସ୍ୱାଧୀନ୍ ଭାବେ ପରିଚାଲନା କର୍ବା । ଇତାର୍ଛଡ଼ା ନୂଆଁକରି ମୁଲ୍ ହେଇଥିବା ବିଜ୍ନେସ୍ ଏନାଲିଟିକ୍ସ୍ଥି ଏମ୍ବିଏ ପାଠ୍ୟକ୍ରମ୍ଥି ସମାନ୍ ପ୍ରକ୍ରିୟା ଲାଗୁ ହେବା ।

ସୂଚନା ଆର୍ ଲୋକସମ୍ପର୍କ ବିଭାଗ୍- ଉପ ନିର୍ଦ୍ଦେଶିକା

ବର୍ଗଡ୍ ସମ୍ବାଦଦାତା

ସୂଚନା ଆର୍ ଲୋକସମ୍ପର୍କ ବିଭାଗ୍ ଉତରାଂଚଲ୍ ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାସ ଦିନ୍‌କିଆ ବର୍‌ଗଡ୍ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲା ସୂଚନା, ଲୋକସମ୍ପର୍କ କାର୍ଯ୍ୟାଳୟ ଆର୍ ସୂଚନା କେନ୍ଦ୍ର ଆଉ ପାଠାଗାର୍ ନିରୀକ୍ଷଣ୍ କରିଛନ୍ । ଇ ସମିଆଥି କାର୍ଯ୍ୟାଳୟଥି ଥିବା ସବୁ କାମ୍‌ର ତଦାରଖ୍ କର୍‌ବାର୍ ସହେତେ କାର୍ଯ୍ୟାଳୟର୍ ସବୁ ଦସ୍ତାବିଜ୍ ଯାଂଚ୍ କରିକରି କର୍ମଚାରୀମାନ୍‌କର୍ ସାଙ୍ଗେ ଆଏବା କାର୍ଯ୍ୟପ୍ରଣାଲୀକେ ତୁର୍‌ତି କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ ।

ଭାରତୀୟ ବାୟୁସେନାଥି ନିଯୁକ୍ତି ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଜବାହାର୍ ନବୋଦୟ ବିଦ୍ୟାଳୟ ଠାନେ ଭାରତୀୟ ବାୟୁସେନାଥି ନିଯୁକ୍ତି ଲାଗି ଗୁଟେ ପରାମର୍ଶ ଆର୍ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଥିଲା । ଇ କାର୍ଯ୍ୟକ୍ରମ୍ ଦେବ୍‌ଗଡ୍ ଜିଲ୍ଲା ଦକ୍ଷତା ବିକାଶ୍ ଆର୍ ନିୟୋଜନ୍ କାର୍ଯ୍ୟାଳୟ ଆଉ ୯ ନମ୍ବର୍ ଏୟାର୍‌ମେନ୍ ସର୍ଭିସ୍ ସେଂଟର୍ ଭୁବ୍‌ନେଶ୍ୱର୍ ର ମିଳିତ୍ ଚେରେଷ୍ଟାଥି କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ବାୟୁସେନାର୍ ଲାଗି ଭିନ୍ ଭିନ୍ ସୁଯୋଗ୍, ଯୋଗ୍ୟତା ମାନଦଣ୍ଡ ଆର୍ ଦର୍‌କାରୀ

ପରୀକ୍ଷା ବିଷେ ଉପ୍‌ରେ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କରାଯାଇଥିଲା ।

ବଲାଙ୍ଗିର୍ କେନ୍ଦ୍ରୀୟ ବିଦ୍ୟାଳୟ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ କେନ୍ଦ୍ରୀୟ ବିଦ୍ୟାଳୟ-୨ ର ୨୯ ତମ ବାର୍ଷିକ ଉତ୍ସବ୍ ବିଦ୍ୟାଳୟ ପରିସର୍ ନ ଅନୁଷ୍ଠିତ୍ ହେଇଯାଇଛେ । ବିଦ୍ୟାଳୟର୍ ଅଧ୍ୟକ୍ଷ ଗଣେଶ୍ ରାମ୍ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍‌ଥି ବଲାଙ୍ଗିର୍ ଜିଲ୍ଲାପାଲ୍ ଗୌରବ ଶିୱାଜୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀ ଆର୍ ଅଭିଭାବକ୍‌ମାନକୁ ଭଲ୍ ପାଠ୍ ପଢ଼୍‌ବାର୍‌କେ ପରାମର୍ଶ ଦେଇଥିଲେ । ଇ ଅବ୍‌ସରେ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରାଯାଇଥିଲା ଆର୍ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷିତ୍ ହେଇଥିଲା ।